# DIRECTORATE OF EXTENSION EDUCATION
## ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ
### ODISHA UNIVERSITY OF AGRICULTURE AND TECHNOLOGY
Bhubaneswar, Pin - 751003


## ସମ୍ଭାବ୍ୟ ବାତ୍ୟା ଓ ଅବପାତ ଜନିତ ମାତ୍ରାଧିକ ବୃଷ୍ଟିପାତ ପରିପ୍ରେକ୍ଷୀରେ ଫସଲ ପରିଚାଳନା ପାଇଁ ପରାମର୍ଶ

**ତା ୨୩.୧୦.୨୦୨୬**

ବଙ୍ଗୋପସାଗରରେ ସୃଷ୍ଟ ସମ୍ଭାବ୍ୟ ବାତ୍ୟା ଓ ଅବପାତ ପ୍ରଭାବରେ ଆଗାମୀ ଅକ୍ଟୋବର ୨୭ ରୁ ୨୯ ତାରିଖ ମଧ୍ୟରେ ଓଡ଼ିଶାର ଅଧିକାଂଶ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ମାତ୍ରାରେ ବୃଷ୍ଟିପାତର ସମ୍ଭାବନା ରହିଛି । ସାମ୍ପ୍ରତିକ ଅବସ୍ଥାକୁ ଦୃଷ୍ଟିରେ ରଖି ଫସଲର ସୁପରିଚାଳନା ପାଇଁ ଚାଷୀଭାଇମାନଙ୍କୁ ନିମ୍ନୋକ୍ତ କୃଷି ପରାମର୍ଶ ପ୍ରଦାନ କରାଯାଉଛି ।

**ଧାନ :**

- ଧାନକେଣ୍ଡା ୮୦-୮୫% ପାଚି ଯାଇଥିଲେ ବର୍ଷା ଆରମ୍ଭ ପୂର୍ବରୁ ତୁରନ୍ତ କାଟିନେଇ ସୁରକ୍ଷିତ ସ୍ଥାନରେ ରଖନ୍ତୁ ।
- ଧାନ ବେଙ୍ଗଳା ସମ୍ଭବ ନହେଲେ କଟା ଧାନକୁ ପଲିଥିନ୍ ଦ୍ୱାରା ଘୋଡ଼ାଇ ସୁରକ୍ଷିତ ରଖନ୍ତୁ ।
- ଧାନ ଜମିରୁ ବଳକା ପାଣି ନିଷ୍କାସନ କରିବା ପାଇଁ ନାଳୀ କରନ୍ତୁ ଓ ନାଳୀ ମୁହଁକୁ ଖୋଲା ରଖନ୍ତୁ ।
- ଫସଲରେ ସାର ପ୍ରୟୋଗ ଓ କୀଟନାଶକ ସିଞ୍ଚନ ସାମୟିକ ସ୍ଥଗିତ ରଖନ୍ତୁ ।
- ବର୍ଷା ଛାଡ଼ି ଖରା ପାଗ ହୋଇଗଲା ପରେ ଲେଡ଼ାପୋକ / କେଣ୍ଡାକଟା ପୋକ ଲାଗିବାର ସମ୍ଭାବନା ରହିଛି । ଏହାର ନିୟନ୍ତ୍ରଣ ପାଇଁ ଏକର ପ୍ରତି କ୍ଲୋରୋପାଇରିଫସ୍ ୫୦% + ସାଇପରମେଥ୍ରିନ୍ ୫% ଇ.ସି. ୪୦୦ ମି.ଲି. କିମ୍ବା (କ୍ୱିନାଲ୍‌ଫସ୍ ୨୦% + ସାଇପରମେଥ୍ରିନ୍ ୩%) ୪୦୦ ମି.ଲି. ୨୦୦ ଲିଟର ପାଣିରେ ମିଶାଇ ଅପରାହ୍ନରେ ସିଞ୍ଚନ କରନ୍ତୁ ।
- ବର୍ଷା ପରେ କମ୍ ଉତ୍ତାପ ରହିଲେ ଗନ୍ଧି ପୋକ ଲାଗି ପାରନ୍ତି । ଏହାର ନିରାକରଣ ପାଇଁ ଏକର ପ୍ରତି କ୍ଲୋରୋପାଇରିଫସ୍ ୧.୫% ଗୁଣ୍ଡ ୧୦ କି.ଗ୍ରା. ବିଞ୍ଚନ୍ତୁ କିମ୍ବା ମାଲାଥିଅନ୍ ୫୦% ଇ.ସି. ୪୦୦ ମି.ଲି. ୨୦୦ ଲିଟର ପାଣିରେ ମିଶାଇ ସକାଳ ସମୟରେ ସିଞ୍ଚନ କରନ୍ତୁ ।
- ଧାନ ଫସଲରେ କେଣ୍ଡା ବାହାରିବା ଅବସ୍ଥାରେ କେଣ୍ଡା ଅଷ୍ଟପଦୀ (Panicle mite)ଲାଗିବାର ସମ୍ଭାବନା ରହିଛି । ଏହାଦ୍ୱାରା କେଣ୍ଡାରେ ଧାନ କଳା ପଡ଼ିଯାଏ ଓ ଧୂସର ରଙ୍ଗ ହୋଇଯାଏ । କେଣ୍ଡା ବାହାରିବା ପରେ ଧାନ ଅଗାଡ଼ି ହୋଇଯାଏ । ଏହାର ନିରାକରଣ ପାଇଁ ଏକର ପ୍ରତି ଫେଞ୍ଜାକ୍ୱିନ୍ ୧୦% ଇ.ସି. ୪୦୦ ମି.ଲି. କିମ୍ବା ଫେନ୍‌ପାଇରୋକ୍ସିମେଟ୍ ୫% ଇ.ସି. ୪୦୦ ମି.ଲି. କିମ୍ବା ପ୍ରୋପାରିଜାଇଟ୍ ୫୭% ଇ.ସି. ୪୦୦ ମି.ଲି. କିମ୍ବା ଡାଇଫେନ୍‌ଥ୍ୟୁରନ୍ ୫୦% ଡବ୍ଲ୍ୟୁ.ପି. ୪୦୦ ଗ୍ରାମ୍ ୨୦୦ ଲିଟର ପାଣିରେ ମିଶାଇ ପ୍ରତି ସପ୍ତାହରେ ଥରେ ଲାଗ୍ ଲାଗ୍ ଦୁଇ ସପ୍ତାହ ସିଞ୍ଚନ କରନ୍ତୁ ।
- ଧାନ ଫସଲରେ ବର୍ଷା ଛାଡ଼ିଗଲା ପରେ ବେକ ମହିଷା / କେଣ୍ଡା ମହିଷା ରୋଗ ହେବାର ସମ୍ଭାବନା ରହିଛି । ଏହାର ନିରାକରଣ ପାଇଁ ଏକର ପ୍ରତି (ଟେବୁକୋନାଜୋଲ୍ ୫୦% + ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ୍ ୨୫%) ୧୦୦ ଗ୍ରାମ୍ କିମ୍ବା ଟ୍ରାଇସାଇକ୍ଲାଜୋଲ୍ ୭୫% ଡବ୍ଲ୍ୟୁ.ପି. ୧୨୦ ଗ୍ରାମ୍ କିମ୍ବା କାସୁଗାମାଇସିନ୍ ୩% ଏସ୍.ଏଲ୍. ୪୦୦ ମି.ଲି. ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

- ଧାନ ଫସଲରେ ପତ୍ରାଚ୍ଛାଦ ରୋଗ ଦେଖାଦେଲେ, ଧାନ ଗଛ ବେକ ପଚି ଚିପି ହୋଇଯାଏ। ଫଳରେ କେଣ୍ଡା ସଢ଼ିଯାଇ ବାହାରି ପାରେ ନାହିଁ। ଏକର ପ୍ରତି ପ୍ରୋପିକୋନାଜୋଲ୍ ୨୫% ଇ.ସି. ୨୦୦ ମି.ଲି. କିମ୍ବା (ଟେବୁକୋନାଜୋଲ୍ ୫୦% + ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ୍ ୨୫%) ୧୦୦ ଗ୍ରାମ୍ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- ଧାନରେ ପତ୍ରପୋଡ଼ା (BLB) ରୋଗ ଦେଖାଦେଲେ, ଏକର ପ୍ରତି କପର ଅକ୍ସିକ୍ଲୋରାଇଡ୍ ୬୦୦ ଗ୍ରାମ୍ + ପ୍ଲାଣ୍ଟୋମାଇସିନ୍ ୨୦୦ ଗ୍ରାମ୍ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

**ଅଣଧାନ ଫସଲ :**

- ଅଣଧାନ ଫସଲରେ ଜଳ ନିଷ୍କାସନ ବ୍ୟବସ୍ଥା ସୁନିଶ୍ଚିତ କରନ୍ତୁ।
- ଆଖୁ ଗଛ ନ ପଡ଼ିବା ପାଇଁ ୪ ରୁ ୫ ଟି ଗଛକୁ ପତ୍ରଦ୍ୱାରା ବାନ୍ଧି ରଖନ୍ତୁ।
- ଅମଳ ଉପଯୋଗୀ ମକା, ମାଣ୍ଡିଆ, ମୁଗ, ବିରି ଆଦି ଡାଲି ଜାତୀୟ ଫସଲକୁ ବର୍ଷା ହେବା ପୂର୍ବରୁ ତୁରନ୍ତ ଅମଳ କରି ନିଅନ୍ତୁ।
- ଅମଳ ଉପଯୋଗୀ ପନିପରିବା ତୋଳି ଦିଅନ୍ତୁ।
- କଦଳୀ ଓ ଅମୃତଭଣ୍ଡା ଗଛ ନ ପଡ଼ିଯିବା ପାଇଁ ବାଡ଼ି କିମ୍ବା ବାଉଁଶ ଦ୍ୱାରା ଢେରା ଦିଅନ୍ତୁ ଓ ଲଟାଜାତୀୟ ପନିପରିବାର ରଞ୍ଜା / ଟ୍ରେଲିକୁ ଦରକାର ମୁତାବକ ବାଡ଼ି ଦେଇ ବାନ୍ଧି ମଜବୁତ୍ କରିଦିଅନ୍ତୁ।
- ବର୍ଷା ଯୋଗୁଁ ପୋଟଳ, କାକୁଡ଼ି, କଖାରୁ, ଜହ୍ନି ଆଦି ଲତା ଜାତୀୟ ପନିପରିବା ଆଦି ଫସଲ ପ୍ରଭାବିତ ହୋଇଥିଲେ, ଜଳ ନିଷ୍କାସନ କରି ରଞ୍ଜା / ଟ୍ରେଲିକୁ ସଳଖ କରି ଦିଅନ୍ତୁ।
- ବର୍ଷା କମିଗଲା ପରେ ପନିପରିବା ଫସଲରେ ସଢ଼ା ଡାଳ ସବୁ କାଟି ବାହାରେ ପକାଇ ଦିଅନ୍ତୁ ଓ ଗଛ ନଇଁ ଯାଇଥିଲେ ମୂଳକୁ ମାଟି ଟେକି ଦିଅନ୍ତୁ।
- ପନିପରିବା ଓ ଡାଲିଜାତୀୟ ଫସଲରେ ଜଉପୋକ ଲାଗିବାର ସମ୍ଭାବନା ରହିଛି। ଏହାର ନିରାକରଣ ପାଇଁ ଏକର ପ୍ରତି ୬୦ ଗ୍ରାମ୍ ଇମିଡ଼ାକ୍ଲୋପ୍ରିଡ୍ ୧୭.୮% ଏସ୍.ଏଲ୍. କିମ୍ବା ଥାୟୋମେଥୋକ୍ସାମ୍ ୪୦ ଗ୍ରାମ୍ କିମ୍ବା ଏସିଟାମିପ୍ରିଡ୍ ୨୦% ଏସ୍.ପି. ୫୦ ଗ୍ରାମ୍ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- ବର୍ଷା ଛାଡ଼ିଗଲା ପରେ ମୁଗ, ବିରି, ହରଡ଼, ବରଗୁଡ଼ି ଆଦି ଫସଲରେ ପାଉଁଶିଆ ରୋଗ ଲାଗିବାର ସମ୍ଭାବନା ରହିଛି। ଏହାର ନିରାକରଣ ପାଇଁ ଏକର ପ୍ରତି ସଲ୍‌ଫର୍ ୮୦% ଡବ୍ଲୁ.ଜି. ୫୦୦ ଗ୍ରାମ୍ କିମ୍ବା କାର୍ବେଣ୍ଡାଜିମ୍ ୫୦% ଡବ୍ଲୁ.ପି. ୨୦୦ ଗ୍ରାମ୍ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- ବର୍ଷା ପରେ ଭେଣ୍ଡି ଫସଲରେ ସରକୋସ୍ପୋରା ପତ୍ର ଦାଗ ରୋଗ ଓ କଲରା ଫସଲରେ ପତ୍ର ଦାଗ ଓ ପତ୍ର ପୋଡ଼ା ରୋଗ ବୃଦ୍ଧି ପାଇବ। ଏହାକୁ ନିୟନ୍ତ୍ରଣ କରିବା ପାଇଁ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ (କାର୍ବେଣ୍ଡାଜିମ୍ + ମାଙ୍କୋଜେବ୍) ମିଶାଇ ପ୍ରୟୋଗ କରନ୍ତୁ।
- ବର୍ଷା ପରେ ପନିପରିବା ଫସଲରେ ଝାଉଁଳା ରୋଗ ଲାଗିବାର ସମ୍ଭାବନା ଥିବାରୁ ପ୍ରତି ୧୦ ଲିଟର ପାଣିରେ ୧୦ ଗ୍ରାମ୍ ପ୍ଲାଣ୍ଟୋମାଇସିନ୍ + ୨୫ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ମିଶାଇ ମୂଳ ଭାଗକୁ ସିଞ୍ଚନ କରନ୍ତୁ।

**ବି.ଦ୍ର.: ଅଧିକ ଜାଣିବା ପାଇଁ ନିକଟସ୍ଥ କୃଷି ବିଜ୍ଞାନ କେନ୍ଦ୍ର ଓ କୃଷି ଅଧିକାରୀଙ୍କ ସହ ଯୋଗାଯୋଗ କରନ୍ତୁ।**